# Press Release on Prime Minister’s Visit to National Martyrs’ Memorial

March 26, 2021

# ବାଂଲାଦେଶର ଜାତୀୟ ଶହୀଦ ସ୍ମାରକୀ ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀ

ମାର୍ଚ୍ଚ 26, 2021

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଗସ୍ତରେ ଯାଇ ବାଂଲାଦେଶରେ ପହଞ୍ଚିବାର ତୁରନ୍ତ ପରେ ଜାତୀୟ ଶହୀଦ ସ୍ମାରକୀ ସ୍ଥଳ (ଜାତୀୟ ସ୍ମୃତି ସୌଦ୍ଧ) ପରିଦର୍ଶନ କରିଥିଲେ । ବାଂଲାଦେଶର ଏହି ଜାତୀୟ ସ୍ମାରକୀ ସ୍ଥଳରେ ସେ 1971 ବାଂଲାଦେଶ ମୁକ୍ତି ଯୁଦ୍ଧରେ ନିଜର ପ୍ରାଣବଳୀ ଦେଇଥିବା ଶହୀଦମାନଙ୍କ ସାହସ ଓ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଢାକାଠାରୁ ଉତ୍ତର-ପଶ୍ଚିମ ଦିଗ 35 କିମି ଦୂରରେ ଥିବା ସାଭର ଠାରେ ଏହା ଅବସ୍ଥିତ ଏବଂ ଏହାକୁ ସୟିଦ ମୟିନୁଲ ହୁସେନ ଡିଜାଇନ କରିଥିଲେ ।

ପ୍ରଧାନମନ୍ତ୍ରୀ ସ୍ମାରକୀ ପରିସରରେ ଅର୍ଜୁନ ବୃକ୍ଷରୋପଣ କରିବା ସହିତ କିର୍ତ୍ତୀସ୍ଥଳରେ ଥିବା ପରିଦର୍ଶକ ପୁସ୍ତିକାରେ ସ୍ୱାକ୍ଷର କରିଥିଲେ। ସେ ଲେଖିଥିଲେ-“ମୁଁ ପ୍ରାର୍ଥନା କରୁଛି ଯେ ସାଭରର ଏହି ଅମର ଜ୍ୟୋତି ସବୁଦିନ ପାଇଁ କପଟ ଓ ଅତ୍ୟାଚାର ଉପରେ ସତ୍ୟ ଓ ସାହସର ଏପରି ମହାନ ବିଜୟକୁ ସ୍ମରଣ କରିଚାଲିଥିବ ।”

**ଢାକା**

ମାର୍ଚ୍ଚ 26, 2021

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.